ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୦ ଏପ୍ରିଲ ୨୦୨୨



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶ୍ରୀ ସୀତାରାମ ସଂସ୍କୃତି ପରିଷଦ ପକ୍ଷରୁ ଶ୍ରୀରାମ ନବମୀ, ପରିଷଦ ପରିସର, ୟୁନିଟ୍-୮, ସକାଳ ୬ଟା।
- ଓସେଡୋ ଅନୁଷ୍ଠାନ ଓ ଏକାମ୍ର ୱାର୍କର୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ଚକ୍ଷୁଯୋଗ ଶିବିର, ଇନ୍ଦିରା ପାର୍କ, ଶହୀଦନଗର, ସକାଳ ୭ଟା।
- ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ ଓ ରାମଲୀଳା ପାଇଁ କଳସ ଯାତ୍ରା, ବେଣୁପୁର, ଶ୍ରୀରାମ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।
- ଆଦିବାସୀ ସେନ୍‌ଗେଲ ଅଭିଯାନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରର୍ସର ସମ୍ମିଳନୀ କକ୍ଷ, ମଧ୍ୟାହ୍ନ ୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ଣ ୩ଟା।
- କଳିଙ୍ଗ ଗୌରବ ପୁରସ୍କାର, ଓଡିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଶ୍ରୀରାମ ନବମୀ ସମନ୍ୱୟ ସମିତି ଆନୁକୂଲ୍ୟରେ ବିଶାଳ ବାଇକ ଶୋଭାଯାତ୍ରା, ମୁକୁନ୍ଦ ପ୍ରସାଦ, ସକାଳ ୯ଟା।

**ଖୋର୍ଦ୍ଧା**
- ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରି ସତ୍ୟ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ପୁସ୍ତକ ପାଠକାର୍ପଣ ଉତ୍ସବ, ପିଏନ୍ କଲେଜ, ମୈତ୍ରୀ ଭବନ, ସକାଳ ୯ଟା।

**କଟକ**
- ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ବଳଭଦ୍ରପୁର ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ, ରାମେଶ୍ୱରଜୀଉ ମନ୍ଦିର ପରିସର, ଛତ୍ର ବଜାର, ରାତି ୮ଟା।

# ମୁକୁଳା ପଡ଼ିଛି ବାଲୁଖଣ୍ଡ ଅଭୟାରଣ୍ୟ

- ଫନି ପରଠୁ ନାହିଁ ପାଚେରି
- ଜନବସତିମୁହାଁ ବନ୍ୟଜନ୍ତୁ
- ଚାଷଜମି ନଷ୍ଟ, ଚିନ୍ତାରେ ଚାଷୀ

**ପୁରୀ ଅଫିସ, ୯।୪**



ସାଧାରଣତଃ ଧାନ ଅମଳ ପରେ ପୁରୀ ସଦରର ହଜାର ହଜାର ଏକର ଜମିରେ ଜାନୁୟାରୀ ଆରମ୍ଭରୁ ମୁଗ, ହରଡ଼ ଓ ସୂର୍ଯ୍ୟମୁଖୀ ଭଳି ବିଭିନ୍ନ ଚାଷ କରାଯାଇଥାଏ। ଚାଷୀଙ୍କର ଏହା ୨ୟ ପର୍ଯ୍ୟାୟ ଚାଷ। ପ୍ରାୟତଃ ଧାନ ତୁଳନାରେ ଏହି ଚାଷରେ ଅଧିକ ଲାଭ ହୁଏ ଓ ପରିଶ୍ରମ ମଧ୍ୟ ଅପେକ୍ଷାକୃତ କମ୍ ଥାଏ। ଏଣୁ ଚାଷୀ ଆଗ୍ରହରେ ମୁଗ, ହରଡ଼ ଇତ୍ୟାଦି ଚାଷ କରେ। ମାତ୍ର ସମ୍ପ୍ରତି ବାଲୁଖଣ୍ଡ ଅଭୟାରଣ୍ୟ ନିକଟ ବେଲଦଳଠାରୁ ଆରମ୍ଭ କରି ଚନ୍ଦନପୁର ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ୪୨ ମୌଜା ଓ ସଂଲଗ୍ନ ଅଞ୍ଚଳରେ ଏହି ଚାଷ କରାଯାଉନାହିଁ। କାଁ ଭାଁ ଚାଷୀ ଚାଷ କରୁଥିବାବେଳେ ଅନ୍ୟମାନେ ଅନାଗ୍ରହ ଦେଖାଉଛନ୍ତି। କାରଣ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ହରିଣ ତଥା ବନ୍ୟଜନ୍ତୁଙ୍କ ମାତ୍ରାଧିକ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ବାଲୁଖଣ୍ଡର ଅଧିକାଂଶ ପାଚେରି ଭାଙ୍ଗିଯାଇଥିବାରୁ ହରିଣ ଓ ବନ୍ୟଜନ୍ତୁ ଚାଷଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ଦିନରାତି ଫସଲକୁ ଜଗି ରହିଲେ ମଧ୍ୟ ସେମାନଙ୍କୁ କାବୁ କରିବାରେ ଚାଷୀ ଅସମର୍ଥ ହେଉଛି। ଏହାକୁ ନେଇ ଚାଷୀ ଚିନ୍ତାରେ ଥିବାବେଳେ କେତେଜଣ ବାଧହୋଇ ଏହି ଚାଷ ପ୍ରତି ମୁହଁ ଫେରାଉଛନ୍ତି।

ଏ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ରମେଶ ଜେନା କହିଛନ୍ତି, ଅଭୟାରଣ୍ୟର ଅପର ପାର୍ଶ୍ୱରେ ଜନବସତି ରହିଛି। ହରିଣମାନେ ଏତେ ସହଜରେ ଜନବସତିମୁହାଁ ହେବା ସମ୍ଭବ ନୁହେଁ। ପୂର୍ବରୁ ହରିଣ ଏତେମାତ୍ରାରେ ଆସୁ ନ ଥିଲେ। ମାତ୍ର ଜଙ୍ଗଲ ବିଭାଗର ଦାୟିତ୍ୱହୀନତା ଯୋଗୁ ହରିଣ ଏବେ ଜନବସତିମୁହାଁ ହେଉଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟର ଏକ ନିର୍ଦ୍ଦିଷ୍ଟ ସୀମା ରହିଛି। ବନ୍ୟଜନ୍ତୁ ଜନବସତିମୁହାଁ ନ ହେବା ଉଦ୍ଦେଶ୍ୟରେ ପ୍ରାଚୀର ମଧ୍ୟ ରହିଥିଲା। ମାତ୍ର ପ୍ରଳୟଙ୍କରୀ ବାତ୍ୟା ଫନିରେ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରାଚୀର ଭାଙ୍ଗିଯିବା ପରେ ବନ୍ୟଜନ୍ତୁଙ୍କ ପାଇଁ କୌଣସି ସୀମା ଆଉ ରହିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରାଚୀର ନିର୍ମାଣ ପାଇଁ ବାରମ୍ବାର ଜଙ୍ଗଲ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ହୋଇନାହିଁ। ଅନ୍ୟପକ୍ଷେ ବନ୍ୟଜନ୍ତୁ ଫସଲ ନଷ୍ଟ କଲେ ମିଳୁଥିବା କ୍ଷତିପୂରଣରେ ମୂଳ ଉଠୁନାହିଁ। ସର୍ଭେ କରି ଏକର ପିଛା ଅଢ଼େଇ ହଜାର ଟଙ୍କା ଦିଆଯାଉଛି। ଆନୁମାନିକ ଭାବେ ଏକ ଏକର ଜମିରେ ମୁଗ ଚାଷ ପାଇଁ ହଳ ସହ ମଞ୍ଜି ବାବଦକୁ ଅତିକମ୍‌ରେ ୧୦ ହଜାର ଖର୍ଚ୍ଚ ହେଉଛି। କ୍ଷତିପୂରଣ ରାଶି ସନ୍ତୋଷଜନକ ହେଉ ନ ଥିବାରୁ ଚାଷ ନ କରିବା ହିଁ ଚାଷୀ ଠିକ୍ ଭାବୁଛନ୍ତି। ସେହିଭଳି ଚାଷୀ ବିଭୂତି ସାହୁ କହିଛନ୍ତି, ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଅନେକ ଗାଡ଼ିଆ ଥିଲା। ତନ୍ମଧ୍ୟରୁ ଅଧିକାଂଶ ପୋତି ହୋଇଗଲାଣି। ବନ୍ୟଜନ୍ତୁଙ୍କ ଶୋଷ ମେଣ୍ଟାଇବାର ଏକ ଉତ୍ସ ପାଲଟିଛି ନୂଆନଈ। ବ୍ୟାପକ ସଂଖ୍ୟାରେ ହରିଣ ନୂଆନଈ କଡ଼େ କଡ଼େ ଜନବସତିକୁ ଆସୁଛନ୍ତି। ଅଧିକାଂଶ ଜନବସତି ନୂଆନଈ ପାଖରେ ଥିବା ହେତୁ ବନ୍ୟଜନ୍ତୁଙ୍କୁ ଚାଷଜମିରେ ପଶିବା ସହଜ ହେଉଛି। ଅନ୍ୟପଟେ ବନ୍ୟଜନ୍ତୁଙ୍କ ଶିକାର ମଧ୍ୟ ବଢ଼ୁଛି। କ୍ରମାଗତ ଭାବେ ହରିଣ, ବାର୍‌ହା ଆଦି ଜନବସତିମୁହାଁ ହେଉଥିବାରୁ କିଛି ଲୋକ ତାଙ୍କୁ ମାରି ଖାଉଛନ୍ତି। ଏହି ଖବର ଜଙ୍ଗଲ ବିଭାଗ ପର୍ଯ୍ୟନ୍ତ ପହଞ୍ଚୁନାହିଁ ବୋଲି ଜଣେ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ସାମାଜିକ ଅନୁଷ୍ଠାନ ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଫନି ପରେ ବ୍ୟାପକ ଜଙ୍ଗଲ କ୍ଷୟ କାରଣରୁ ବନ୍ୟଜନ୍ତୁ ଜନବସତିମୁହାଁ ହୋଇଛନ୍ତି। ତେଣୁ ବୃକ୍ଷରୋପଣ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଧ୍ୟାନ ଦିଆଯିବା ଦରକାର। ଏଥିସହ ପ୍ରାଚୀର ନିର୍ମାଣ ମଧ୍ୟ ଜରୁରୀ। ଏଭଳି ଅଭିଯୋଗ ସମ୍ପର୍କରେ ଜିଲା ଜଙ୍ଗଲ ଅଧିକାରୀ ରାମସ୍ୱାମୀ କହିଛନ୍ତି, ଫନି ପରେ ବାଲୁଖଣ୍ଡ ଅଭୟାରଣ୍ୟର ପ୍ରାଚୀର ଭାଙ୍ଗିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରାଚୀର ସାନି ନିର୍ମାଣ ପାଇଁ ଲେଖାଯାଇଛି। ସେହିଭଳି ବନ୍ୟଜନ୍ତୁ କାହାରି ଫସଲ ନଷ୍ଟ କରୁଥିଲେ ଜଙ୍ଗଲ ବିଭାଗ ପକ୍ଷରୁ ସେମାନଙ୍କୁ କ୍ଷତିପୂରଣ ଦିଆଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରାଜୀବ


@ ମନୋରଞ୍ଜନ


@ ରାମ୍ୟାରଞ୍ଜନ


@ ସାଇଲେନ୍


@ କାର୍ତ୍ତିକେଶ୍ୱର


@ ପ୍ରବୀର

# ଭକ୍ତିମୟ ରଥ, ପଥ

ଅଶୋକାଷ୍ଟମୀ ଅବସରରେ ଶନିବାର ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ହଜାର ହଜାର ଭକ୍ତଙ୍କ ମେଳରେ ପ୍ରଭୁ ଲିଙ୍ଗରାଜ ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ତେବେ ବେଳ ଗଡ଼ିଯିବାରୁ ଠାକୁର ତିନି ମୁଣ୍ଡିଆ ଛକରେ ଅଟକି ରହିଛନ୍ତି। ହଜାର ହଜାର ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ରଥ ଟାଣିଥିଲେ। ରଥଖଳାଠାରୁ ଆରମ୍ଭ କରି ରଥ ଓ ପଥ ଉଛୁଳି ଉଠିଥିଲା। ଭକ୍ତିମୟ ହୋଇପଡିଥିଲା ପୂରା ପରିବେଶ।


ପ୍ରଭୁ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ ଓ ପ୍ରଭୁ ଦୋଳଗୋବିନ୍ଦଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।







### ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଡ. ଉମାଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଡିସିପି, ଏସିପି, ୧୪ ଇନସ୍ପେକ୍ଟର, ଏସ୍‌ଆଇ, ଏଏସ୍‌ଆଇ, କନଷ୍ଟେବଲଙ୍କ ସମେତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ତଦାରଖ କରିଥିଲେ।

### ରଥ ଆଗରେ ଓଡ଼ିଶୀ ନୃତ୍ୟ

ରାଜ୍ୟ ତଥା ବାହାରୁ ବହୁ ଭକ୍ତଙ୍କ ଗହଳି ରଥଦାଣ୍ଡରେ ହୋଇଥିଲା। ଦିଅଁଙ୍କ ନିକଟରେ ସମର୍ପଣ ଭାବ ରଖି ପହଣ୍ଡି ସମୟରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରବଳ ଖରାରେ ପାଦ ତାତିଯାଉଥିଲେ ମଧ୍ୟ ସେମାନେ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପି ଦେଇ ନିଆରା ଭକ୍ତିଭାବର ପରିପ୍ରକାଶ କରିଥିଲେ।

### ହୋ ଭକତେ ଡାକ ବନ୍ଦ ଯୋଗୁ ଗଡ଼ିଲାନି ରଥ

ଚଳିତ ବର୍ଷ ରଥଯାତ୍ରାରେ କାଳସୀ ବ୍ୟବହାର କରୁଥିବା 'ହୋ ଭକତେ ହୋ...' ଡାକ ଉପରେ ବିଏମ୍‌ସି ପକ୍ଷରୁ ରୋକ୍ ଲଗାଯାଇଥିଲା। ତେଣୁ କାଳସୀ ରଥରେ ଚଢ଼ି ସାଧାରଣ ଭାଷାରେ ଡାକ ଦେବାରୁ ରଥ ଗଡ଼ି ନ ଥିଲା। ବିଏମ୍‌ସି ପକ୍ଷରୁ ଅନୁମତି ଆସିବା ପରେ ପୂର୍ବବର୍ଷ ଭଳି କାଳସୀ ଡାକ ଦେବାରୁ ରଥ ଗଡ଼ିଥିଲା। ଏଥିପାଇଁ ପ୍ରାୟ ୨୫ ମିନିଟ ବିଳମ୍ବ ହୋଇଥିଲା।

### ଦିଅଁଙ୍କ ଦର୍ଶନ କଲେ ନେତା, ମନ୍ତ୍ରୀ, ମେୟର

ଶ୍ରୀଲିଙ୍ଗରାଜଙ୍କ ବରିଷ୍ଠ ସେବାୟତ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସେବାୟତ ବେଶରେ ଉପସ୍ଥିତ ରହି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ଏଥିସହ ଦଅଁଙ୍କୁ ଦର୍ଶନ କରିଥିଲେ। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ ଠାକୁରଙ୍କ ଦର୍ଶନ କରିଥିଲେ। ଏଥିସହ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟ କେତେଜଣ ନେତା ରଥ ଉପରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ।

# ଲିଙ୍ଗରାଜ ମହୋତ୍ସବ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୯।୪ (ଡି.ଏନ୍.ଏ.)**

ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଶନିବାର ଭଜନ ମଣ୍ଡପରେ ଶ୍ରୀଲିଙ୍ଗରାଜ ମହୋତ୍ସବ ଆରମ୍ଭ ହୋଇଛି। ଏହାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଜଟଣୀ ବିଧାୟକ ତଥା ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ରାଜ୍ୟ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମଧୁସୂଦନ ପାଢ଼ୀ, କଂଗ୍ରେସ ନେତା ଶିବାନନ୍ଦ ରାୟ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ଭାଜପା ନେତା ସମୀର ମହାନ୍ତି, ସାମ୍ବାଦିକ ଭାଗବତ ତ୍ରିପାଠୀ, କର୍ପୋରେଟର ଚନ୍ଦ୍ର ଶେଖର ମଳିଆ, ହୃଦୟ ବଲ୍ଲଭ ସାମନ୍ତରାୟ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ ଯୋଗଦେଇଥିଲେ। ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ସମ୍ବଲପୁର ନଟରାଜ କଳା ପରିଷଦ ପକ୍ଷରୁ ଦୁଲଦୁଲି ଏବଂ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ ପକ୍ଷରୁ ଗୁରୁ ପଙ୍କଜ ପ୍ରଧାନଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଏଇ ମୋର ଗାଁ ପରିବେଷଣ କରିଥିଲେ। ପୁରୀ ରଙ୍ଗଶାଳାର ବିକ୍ରମ ସାହୁଙ୍କ ନିର୍ଦ୍ଦେଶନାରେ ନୃତ୍ୟଡ୍ରାମା, କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ରିଙ୍କି ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଟରଜ ନୃତ୍ୟ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।



ରୁକୁଣା ରଥଯାତ୍ରା ଅବସରରେ ଶନିବାର ଅନୁଷ୍ଠିତ ରାମେଶ୍ୱର ମହୋତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।





ଲିଙ୍ଗରାଜ ମହୋତ୍ସବରେ ଶିଳ୍ପୀମାନେ ଶିବ ତାଣ୍ଡବ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

